## ଜୁଡିଆ ଗାଁରେ କମ୍ବଳ ବଣ୍ଟନ

ରାଇରଙ୍ଗପୁର,(ମାନସ ମହାନ୍ତି)- ଝରଣ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜୁଡିଆ ଗ୍ରାମର ଖଡିଆ ସାହିରେ ଶହୀଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ମନୋରଞ୍ଜନ ହାଁସଦାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋତିରାମ ମାଝୀ, ବିଜୟ ରାମ, ଜାମସେଦପୁରର ଅଭୟ ଚୌବେ, ଅମିତ ରାଜ ସିଂହ, ପ୍ରତାପ ଚନ୍ଦ୍ର ହେମ୍ବ୍ରମ, ମେଜର ମହେନ୍ଦ୍ର ମହାନ୍ତ, ପ୍ରଦୀପ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡବିଲ,୨୭।୧୨(ଦେବପ୍ରିୟ ରଣା) କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବୁରୁହିଟିଂ ଅଞ୍ଚଳର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଦିଲ୍ଲୀପ ସିଂହ (୪୦)। ବଡବିଲ ରେଳ ସାଇଡିଂ ନିକଟସ୍ଥ ଏକ ନିମ୍ବ ଗଛରେ ମୃତଦେହ ଝୁଲୁଥିବା ଦେଖି ଲୋକେ ପୋଲିସକୁ ଅବଗତ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୦୨୩)ରୁଜୁ କରିଛି। ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଛି।

## ଗାଡ଼ି ମରାମତି ବେଳେ ଡ୍ରାଇଭରଙ୍କ ଉପରେ ଚଢ଼ିଗଲା ଟ୍ରକ୍

ବାସୁଦେବପୁର, ୨୭।୧୨ (ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର- ଧାମରା ରାସ୍ତାର ମନ୍ଦାରୀ ପୋଲ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଟ୍ରକ ଚଢ଼ିଯିବାରୁ ଅନ୍ୟ ଏକ ଟ୍ରକ୍‌ର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଏକ ଆଇରନ ବୋଝେଇ ଟ୍ରକ୍‌ର ଚକା ପଙ୍କଚର ହୋଇଥିବା ବେଳେ ଗାଡ଼ି ତଳେ ବସି ଡ୍ରାଇଭର ମରାମତି କରୁଥିଲେ। ଏହି ସମୟରେ ଅନ୍ୟ ଏକ ଚିପ୍ସ ବୋଝେଇ ଟ୍ରକ୍ ଉକ୍ତ ଗାଡ଼ିକୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ଦୋଷୀଙ୍କୁ ୨୦ ବର୍ଷ ଜେଲ

**କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):** କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ୬ ମାସ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ସରକାରଙ୍କୁ ସୁପାରିସ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ନା।ବା।ଳି।କା।ଙ୍କ ମା'ବାପା କୋଇଡ଼ା ଅଞ୍ଚଳରେ ଶ୍ରମିକ ଭାବରେ କାମ କରୁଥିଲେ। ତେଣୁ ନାବାଳିକା ସଦର ଥାନା ଅଞ୍ଚଳରେ ବଡ଼ବାପାଙ୍କ ଘରେ ରହୁଥିଲେ। ୨୧ ନଭେମ୍ବର ୨୦୨୧ ସନ୍ଧ୍ୟାରେ ନାବାଳିକା ଘରେ ଏକୁଟିଆ ଥିବା ବେଳେ ସଦର ଥାନା ଡିମିରିଡ଼ିହା ଗ୍ରାମର ସୁନୀଲ ନାଏକ(୨୬) ଅପହରଣ କରିନେଇଥିଲା। ଭୟଭୀତକରି ବଳାତ୍କାର କରିଥିଲେ। ନାବାଳିକାଙ୍କ ବଡ଼ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ( ନଂ. ୫୪୫/୨୧) ରୁଜୁକରି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୧୭ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

**ନାବାଳିକାଙ୍କୁ ବଳାତ୍କାର ମାମଲା**

# ୭୫ ବର୍ଷରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ

ବାରିପଦା,୨୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଐତିହ୍ୟ ସମ୍ପନ୍ନ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ୭୫ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ୨୦୨୪ ଜାନୁୟାରୀ ୫, ୬ ଓ ୭ ତାରିଖ ତିନିଦିନ ଧରି ପ୍ଲାଟିନମ ଜୁବିଲି ଉତ୍ସବ ପାଳନ କରାଯିବ। ଏ ନେଇ ଉତ୍ସବ ପାଳନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଉପସ୍ଥିତ ରହି ପ୍ଲାଟିନମ ଜୁବିଲି ପାଳନ ନେଇ ଆଲୋଚନା କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ

**୫ରୁ ପ୍ଲାଟିନମ୍ ଜୁବିଲି ଉତ୍ସବ**

ଅନଲାଇନ ଓ ଅଫଲାଇନ ମାଧ୍ୟମରେ ନିଜ ନାମ ପଞ୍ଜୀକୃତ କରି ଏହି ଉତ୍ସବକୁ ସଫଳ କରିବା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଆହ୍ୱାନ ଦିଆଯାଇଛି। ୧୯୪୮ରେ ବାରିପଦା ସହରର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ଷୁଦ୍ର ପରିସରରେ ଜନ୍ମଲାଭ କରିଥିବା ଉକ୍ତ ମହାବିଦ୍ୟାଳୟ ଏବେ ଓଡ଼ିଶାର ଏକ ଅଗ୍ରଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇପାରିଛି। ଉକ୍ତ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରୀଛାତ୍ରମାନେ ସମ୍ମିଳିତ ଭାବରେ ପ୍ଲାଟିନମ ଜୁବିଲି ସମାରୋହକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଉକ୍ତ ଉତ୍ସବରେ ରାଷ୍ଟ୍ରପତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଜଳଶକ୍ତି, ଆଦିବାସୀ ବ୍ୟାପାର ମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ପ୍ରଭୃତିଙ୍କୁ ଅତିଥି ହେବା ପାଇଁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ବିଗତ ଏକ ମାସ ଧରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଧର୍ମ ଦର୍ଶନ ଓ ସାହିତ୍ୟ, ସଂସ୍କୃତି ଆଧାରିତ ବିଷୟବସ୍ତୁ ଉପରେ ଦେଶ ତଥା ବିଦେଶର ପ୍ରବୀଣ ଶିକ୍ଷାବିତ, ବିଶେଷଜ୍ଞ, ଗବେଷକ ଓ ବୈଜ୍ଞାନିକମାନେ ଆଭାସି ମାଧ୍ୟମରେ ଶିକ୍ଷାଦାନ ଓ ଆଲୋଚନା ଜାରି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରତିନିଧି ରାଇମଣି ମାରାଣ୍ଡି, ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆଲୁମନି ଆସୋସିଏସନର ସଭାପତି ଡ.ବିଜୟ କୁମାର ଅଗ୍ରୱାଲ, ପ୍ଲାଟିନମ ଜୁବୁଲି କମିଟିର ମୁଖ୍ୟ ସଂଯୋଜକ ପ୍ରୀତିଶ ଚନ୍ଦ୍ର ବସା, କମିଟିର ସମ୍ପାଦକ କଳିଙ୍ଗ କେଶରୀ ଜେନା ଓ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଜଣଙ୍କୁ ନେଇ ଗଣଦୌଡ଼

କେନ୍ଦୁଝର,୨୭।୧୨(ଦୀପକ ମିଶ୍ର)



ଗଣଦୌଡ଼ରେ ୪ରୁ ୫ ଜଣ ଦୌଡୁଛନ୍ତି।

ବିଜେଡି ପକ୍ଷରୁ ସାରା ରାଜ୍ୟରେ ମଙ୍ଗଳବାର ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏ ଅବସରରେ କେନ୍ଦୁଝର ଜିଲାରେ ଆୟୋଜିତ ହୋଇଥିବା ଗଣଦୌଡ଼ ପ୍ରହସନ ପାଲଟିଥିଲା। ଦଳ ପକ୍ଷରୁ ଗଣଦୌଡ଼ର କାର୍ଯ୍ୟକ୍ରମ ସ୍ଥିର ହୋଇ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏ ନେଇ ସ୍ୱତନ୍ତ୍ର ଟି-ଶାର୍ଟ ବ୍ୟବସ୍ଥା ସହ ଆମ୍ବୁଲାନ୍ସ ମଧ୍ୟ ଉପସ୍ଥିତ ଥିଲା। ମାତ୍ର ଗଣଦୌଡ଼ରେ ଲୋକ ନ ଆସିବାକୁ ନେଇ ବହୁ ଆଡ଼ମ୍ବରରେ ଲଘୁକ୍ରିୟା ସଦୃଶ ହୋଇଛି ବୋଲି ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, ଗଣଦୌଡ଼ କେନ୍ଦୁଝର ପୁରଣା ସହରଠାରେ ଥିବା ବଳଦେବଜୀଉ ମନ୍ଦିର ନିକଟରୁ ଆରମ୍ଭ ହୋଇଥିଲା। ଏହି ସମୟରେ ଦଳର ଅନେକ ନେତା ଥିବା ବେଳେ ଦୌଡ଼ ସମୟରେ ମାତ୍ର ୪ ଜଣ ଦୌଡୁଥିବାର ଦୃଶ୍ୟ ଅନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ସମାଲୋଚନା ପାଇଁ ବେଶ୍

**ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ଚର୍ଚ୍ଚା**

ଖୋରାକ ଯୋଗାଇଛି। ଏଠାରେ ପ୍ରଶ୍ନ ଉଠେ ଦୀର୍ଘ ୨୩ ବର୍ଷ ହେଲା ସରକାରରେ ରହି ୨୫ ଜଣ ଯୁବକ ଠିକ୍ କରି ନ ପାରିବା ଜିଲାରେ ଦଳର ସାଙ୍ଗଠନିକ ବ୍ୟବସ୍ଥା କ'ଣ ତାହା ସାଧାରଣରେ ଅନୁମେୟ। ନିଜ ନାମ ଗୋପନ ରଖି ଜିଲାରେ ବଡ଼ ପଦବୀରେ ଥିବା ଦଳର ଜଣେ ବରିଷ୍ଠ ନେତା କହିଥିଲେ, ଯାହାକୁ ଦଳ ଦାୟିତ୍ୱ ଦେଲା ସେ ସମର୍ଥ ନୁହନ୍ତି। ତେଣୁ ଏହାକୁ ନେଇ ଏଠାରେ ଅନ୍ତର୍ଦ୍ୱନ୍ଦ୍ୱ ଚର୍ଚ୍ଚା ହେଉଛି। ଆଉ କେତୋଟି ମାସ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଦଳର ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ସଂଗଠନକୁ ମଜଭୁତ କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ କହୁଥିବା ବେଳେ ଏହି ଅନ୍ତର୍ଦ୍ୱନ୍ଦ୍ୱ ଦଳ ପାଇଁ ମହଙ୍ଗା ପଡ଼ିପାରେ ବୋଲି ବୁଦ୍ଧିଜୀବୀ ଜୟକୃଷ୍ଣ ପଣ୍ଡା ଓ ମହିନୀ ମୋହନ ମିଶ୍ର କହିଛନ୍ତି।

## ପୁଅକୁ ନ ପାଇ କାନ୍ଦୁଛି ମା'

ବାଲେଶ୍ୱର,୨୭।୧୨(ମାନସ ବିଶ୍ୱାଳ)

ପୁଅକୁ ନ ପାଇ ବାହୁନି ବାହୁନି କାନ୍ଦୁଛି ମା'। ବାଲେଶ୍ୱର ସହର ମାନସିଂବଜାରସ୍ଥିତ ମଣ୍ଡଳବଗିଚା ଅଞ୍ଚଳର ପୋଖରୀ ଆଡ଼ିରେ ଏଭଳି ଅବସ୍ଥାରେ ବସିଥିବା ଜଣେ ମହିଳାଙ୍କୁ ସୋମବାର ସ୍ଥାନୀୟ ଲୋକେ ଉଦ୍ଧାର କରି ନାରୀସଂଘକୁ ହସ୍ତାନ୍ତର କରିଛନ୍ତି। ତାଙ୍କ ଘର ସୋର ଥାନା ଅଞ୍ଚଳରେ। ତାଙ୍କଠାରୁ କୌଣସି ଠିକ୍ ଉତ୍ତର ନ ମିଳିବାରୁ ଲୋକେ ବାଲେଶ୍ୱର ନାରୀସଂଘ ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ରଙ୍କୁ ଜଣାଇଥିଲେ। ସେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ନାରୀସଂଘକୁ ନେଇଯାଇଛନ୍ତି।

ସୂଚନା ଅନୁଯାୟୀ, ମହିଳାଜଣକ ନାବାଳିକା ଅବସ୍ଥାରୁ ମାନସିକ ବିକୃତ ଥିଲେ। ସେ ଏଣେତେଣେ ବୁଲୁଥିବା ବେଳେ ୨୦୧୬ ଜୁଲାଇ ୪ତାରିଖରେ ପ୍ରଥମେ ନାରୀ ସଂଘରେ ଆସି ରହିଥିଲେ। ସିଡବ୍ଲୁସି ଉକ୍ତ ଘଟଣାକୁ ବିଚାର କରି ତାଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଥିଲେ। ପୁଣି କିଛିଦିନ ପରେ ସେ ଏକ ସଙ୍ଗଠନ ଦ୍ୱାରା ଉଦ୍ଧାର ହୋଇଥିଲେ। ତାଙ୍କୁ ସିଡବ୍ଲୁସି ମାଧ୍ୟମରେ ନାରୀ ସଂଘରେ ଛଡାଯାଇଥିଲା। ୨୦୧୯ ଜାନୁୟାରୀ ୩୦ରେ ମହିଳାଜଣକ ନାରୀସଂଘରୁ ଲୁଚି ପଳାଇଯାଇଥିଲେ। ନାରୀସଂଘ ପକ୍ଷରୁ ଏନେଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସୋର ପୋଲିସ ବଜାରରୁ ୪ଦିନର ଶିଶୁପୁତ୍ର ସହ ମହିଳାଙ୍କୁ ଉଦ୍ଧାର କରି ଗତ ୨୦୨୩ ଏପ୍ରିଲ ୨୯ରେ ନାରୀସଂଘରେ ଆଣି ଛାଡ଼ିଥିଲେ। ଶିଶୁପୁତ୍ରର ଦେହ ଖରାପ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରୁ ମହିଳା ଜଣକ ଶିଶୁପୁତ୍ରଙ୍କୁ ଧରି ଫେରାର ହୋଇଯାଇଥିଲେ। ଏନେଇ ନାରୀ ସଂଘ ପକ୍ଷରୁ ଗତ ଜୁନ୍ ୧୩ରେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତାଙ୍କ ପାଖରୁ ଶିଶୁପୁତ୍ରକୁ କିଏ ନେଲା ଜଣା ନ ଥିବା ବେଳେ ମହିଳାଙ୍କୁ ନାରୀ ସଂଘ ପକ୍ଷରୁ ଉଦ୍ଧାର କରାଯାଇଛି। ତାଙ୍କ ଶିଶୁପୁତ୍ରଙ୍କୁ ଭଦ୍ରକର କେହି ଜଣେ ନେଇଯାଇଥିବା ସେ କହୁଛନ୍ତି। ଏହାର ତଦନ୍ତ କରାଯାଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସହାୟତାରେ ଶିଶୁପୁତ୍ରଙ୍କୁ ଠାବ କରାଯିବାର ପ୍ରୟାସ କରାଯାଉଛି ବୋଲି ନାରୀ ସଂଘର ସଭାନେତ୍ରୀ ମହାପାତ୍ର କହିଛନ୍ତି।

# ହାତୀ ଉତ୍ପାତରୁ ମିଳୁନି ନିସ୍ତାର



ହାତୀ ନଷ୍ଟ କରିଥିବା ଧାନ।

ବାଙ୍ଗିରିପୋଷି,୨୭।୧୨ (ସଞ୍ଜୟ କୁମାର ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ନାମ୍ଫି ଗ୍ରାମ୍ୟ ଜଙ୍ଗଲରେ ଗତ ୩ ମାସରୁ ଊର୍ଦ୍ଧ୍ୱ ହେବ ୩୦ ହାତୀ ଆଡ୍ଡା ଜମାଇଛନ୍ତି। ଏହି ହାତୀପଲ ପ୍ରତିଦିନ ସ୍ଥାନ ବଦଳାଇ ଆଖପାଖ ନାମ୍ଫି, ବଣକାଟୀ, ବାଙ୍ଗିରିପୋଷି, ନିଶ୍ଚନ୍ତା, ଶ୍ୟାମସୁନ୍ଦରପୁର, କଳାବାଡିଆ ଓ କୁସୁମବନ୍ଧ ପଞ୍ଚାୟତରେ ଥିବା ଗ୍ରାମରେ ଆତଙ୍କ ସୃଷ୍ଟି କରୁଛନ୍ତି। ଏହି ହାତୀପଲର ଏକ ଦନ୍ତା ଗୋଠଛଡ଼ା ହୋଇ କାଳିଆମି, ଚୁଆପାଣି, କାଦଡିହା, ଚାଉଳଘୋରୀ, ମଝିଗାଁ ଅଞ୍ଚଳରେ ଘୁରି ବୁଲୁଛି । ସ୍ଥାନୀୟ ଲୋକେ ଦନ୍ତା ଭୟରେ ରାତି ହେଲେ ଘରୁ ପଦାକୁ ବାହାରି ପାରୁନାହାଁନ୍ତି। କେତେବେଳେ ଜୀବିକା ଉଜୁଡୁଛି ତ ପୁଣି କେବେ ବଳି ପଡୁଛି ଜୀବନ। ଘର, ବିଲ, ବାଡ଼ି କେଉଁଠି ବି ମିଳୁନି ନିସ୍ତାର। ପ୍ରତିଦିନ ଫସଲ କ୍ଷୟକ୍ଷତି ପରିମାଣ ବଢ଼ିବାରେ ଲାଗିଛି। ବନ ବିଭାଗ ହାତୀ ଘଉଡାଇବାରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗତ ରବିବାର ରାତିରେ ଜୁଆଳିକଟା ସିଂ ସାହି ଭିତରେ ହାତୀ ପଶି ଧାନ ଖାଇବା ସହିତ କେତେଜଣଙ୍କ ଆସବାବ ପତ୍ର ଭାଙ୍ଗି ଦେଇଥିଲେ। ସୋମବାର ରାତିରେ ନିଶ୍ଚନ୍ତା ପଞ୍ଚାୟତର ଚୁଆପାଣି ଗ୍ରାମରେ ଥିବା ସଦାନନ୍ଦ ଅଧିକାରୀଙ୍କ ଆମ୍ବ ଓ କଦଳୀ ବଗିଚାରେ ପଶି ନଷ୍ଟ କରିଥିଲେ। ମଙ୍ଗଳବାର ସାରିପଦା ଗ୍ରାମର ବାଲେ ସିଂଙ୍କ ଖଳାରେ ଥିବା ୩ ଏକର ଜମିର ଧାନ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଥିବା ସୂଚନା ମିଳିଛି।

# ରୋଗୀଙ୍କୁ ଫଳ, ଗରିବଙ୍କୁ ବସ୍ତ୍ର ଦାନ

ଭୋଗରାଇ, ୨୭।୧୨(ପ୍ରଦୀପ ଦାସ)



ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସରେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଶିକ୍ଷାବିତ୍ ତଥା ବିଶିଷ୍ଟ ସାମାଜିକ କର୍ମୀ ଇଂ. ବିଦ୍ୟୁତେନ୍ଦୁ ପାତ୍ର ଓ ତାଙ୍କ ସହଯୋଗୀ ଙ୍କ ସହିତ ପ୍ରସିଦ୍ଧ ଶୈବପୀଠରେ ୨୭ ଦୀପ ପ୍ରଜ୍ଜଳନ କରିବା ସହିତ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏଥିସହିତ ଗରିବଙ୍କୁ ଶୀତବସ୍ତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପାତ୍ର ଚନ୍ଦନେଶ୍ୱର ଗୋଲେଇରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ୫୦ ଅଧିକ ସମର୍ଥକଙ୍କ ଜରିଆରେ ପୁଷ୍ପମାଲ୍ୟ ପ୍ରଦାନ କରିନିଆରା ଢଙ୍ଗରେ ପ୍ରତିଷ୍ଠା ଦିବସ ପାଳନ କରି ଚର୍ଚ୍ଚା ପରିସରକୁ ଆସିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହି ସାମାଜିକ କର୍ମୀ ନିକଟରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏକତ୍ରିତ କରି ବନ୍ଧୁମିଳନ ଉତ୍ସବରେ ଜିଲା ଓ ରାଜ୍ୟ ନେତୃମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରି ବିଜୁ ଜନତା ଦଳରୁ ଟିକେଟ ହାତେଇବା ଲାଗି କସରତ କରୁଥିବା ଦଳୀୟ ସୂତ୍ରରୁ ପ୍ରକାଶ ପାଇଛି।

# ଔପଦାରେ ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଔପଦା, ୨୭।୧୨(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ଆକାଂକ୍ଷା ସଭାଗୃହରେ ମଙ୍ଗଳବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଏସ୍‌ପି ସାଗରିକା ନାଥଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଖଇରା ବ୍ଲକ ଡଗରପଡା ପଞ୍ଚାୟତ ଡିଗିତେନ୍ତୁଳି ଗ୍ରାମବାସୀ ଓ ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ ମହୁଲଗଡିଆ ଗ୍ରାମବାସୀ ଆନନ୍ଦପୁର କେନାଲ ଡିଭିଜନ ଅଧୀନ ଚାଲିଥିବା ଶାଳନ୍ଦୀ ଆମ୍ବହୋତା କେନାଲ ନିର୍ମାଣ ସମ୍ପର୍କରେ ଗ୍ରାମ ଉପର ଭାଗରେ ଥିବା ପାହାଡ଼ରୁ ବର୍ଷା ଦିନରେ ବହି ଆସୁଥିବା ପାଣି ସହ ଗ୍ରାମ ପାଣି ନିଷ୍କାସନ ପାଇଁ ଉଚିତ୍ ବ୍ୟବସ୍ଥା କରାଯାଉ ନ ଥିବାରୁ ଏହି ଦୁଇ ଗ୍ରାମ ବର୍ଷା ଓ ବନ୍ୟା ପାଣିରେ ବୁଡି ଯାଇ ପ୍ରଭାବିତ ହେବ ବୋଲି ଅଭିଯୋଗ କରି ବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଜିଲାପାଳଙ୍କଠାରେ କହିଥିଲେ। ଅଭିଯୋଗ ଶୁଣାଣି ଶିବିରରେ କେନାଲ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ନ ଥିବାରୁ ଫୋନ ଯୋଗେ ବିଭାଗୀୟଙ୍କ ସହିତ ଆଲୋଚନା କରି ପାଣି ନିଷ୍କାସନ ପାଇଁ ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତର ମୃତ ବ୍ୟକ୍ତି ଓ ବାର୍ଦ୍ଧକ୍ୟ ଭତ୍ତାଧିକାରୀଙ୍କ ଟଙ୍କା ଆତ୍ମସାତ କରାଯାଇଥିବା ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ଟଙ୍କା ଆତ୍ମସାତ ହୋଇଥିବା ତଦନ୍ତ ରିପୋର୍ଟରୁ ଜଣାପଡିବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପୂର୍ବତନ ବିଡିଓ ଅଭିଷେକ ଦାଶ ଥାନାରେ ଅଭିଯୋଗ କରି ଅଧିକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରିଥିବା ଜଣାଯାଇଛି। ଭତ୍ତା ଟଙ୍କା ଆତ୍ମସାତ ଅଭିଯୋଗକୁ ନେଇ ଜିଲାପାଳ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ସ୍ୱାଧୀନତା ପୂର୍ବରୁ ଥିବା ଔପଦା ଡାକ୍ତରଖାନାର ଦିବାରାତ୍ରି ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବ୍ୟବସ୍ଥା ନ ଥିବାରୁ ଔପଦା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏହି ପୁରାତନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିବାରାତ୍ରି ସେବା ଯୋଗାଇଦେବା ପାଇଁ ଦାବି କରି ଏଥିପାଇଁ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲାପାଳ ଜିଲା ଚିକିତ୍ସା ଅଧିକାରୀଙ୍କୁ ଏଥିପ୍ରତି ପଦକ୍ଷେପ ନେବାକୁ କହିଥିବା ଜଣାଯାଇଛି । ଶିବିରରେ ବିଭିନ୍ନ ପ୍ରକାର ୪୮ଟି ଅଭିଯୋଗ ହୋଇଥିବା ବେଳେ ଜିଲାପାଳ ଓ ଏସ୍‌ପିଙ୍କ ସହିତ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ, ଜିଲା ଚିକିତ୍ସାଧିକାରୀ ଦୁଲାଳସେନ ଜଗଦେବ, ବିଡ଼ିଓ ଆଦିକନ୍ଦ ବେହେରା, ତହସିଲଦାର ମିତାଲି ମଧୁଛନ୍ଦା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବାବୁ ଭାଇଜାନ ଟି-୧୦ କ୍ରିକେଟ୍ କିଙ୍ଗସ ଇଲେଭେନ ବିଜୟୀ

**ରୂପସା, ୨୭।୧୨(ବାଞ୍ଛାନିଧି ଦେ):** ଶ୍ରୂପସା ଥାନା ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦରଖୁଲି ପ୍ରିମିୟର ଲିଗ୍ ବାବୁ ଭାଇଜାନ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ରବିରାମ ସିଂ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ବାବୁ ଭାଇଜାନଙ୍କ ପ୍ରତିନିଧି ମୋଦାସିର ଖାନ, ସମ୍ମାନିତ ଅତିଥି ନାଏବ ସରପଞ୍ଚ ମନୋରଞ୍ଜନ ପାଣିଗ୍ରାହୀ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ନଦିମ ରୟାଲ ଦଳକୁ ୧୯ ରନରେ ପରାସ୍ତ କରି କିଙ୍ଗସ ଇଲେଭେନ ଦଳ ବିଜୟ ହାସଲ କରିଥିଲା। କିଙ୍ଗସ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୩୦ ରନ ସଂଗ୍ରହ ହୋଇଥିଲା। ବ୍ୟାଟ୍ସ ମ୍ୟାନ ଉତ୍ତମ ବର ସର୍ବାଧିକ ୭୨ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜବାବରେ ନଦିମ ରୟାଲ ଦଳ ୫ ଉଇକେଟ ହରାଇ ୧୧୧ ରନ କରି ପରାସ୍ତ ହୋଇଥିଲା। ଅମ୍ପାୟର ଲାଲବାହାଦୁର ସିଂ ଓ ବଇଦି ସିଂ ମ୍ୟାଚ ପରିଚାଳନା କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା

ଧାମନଗର,୨୭।୧୨ (ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟଠାରେ ସମନ୍ୱିତ ଯୁବ ବିକାଶ (ନୂଆ-ଓ) କାର୍ଯ୍ୟକ୍ରମ ଭିତ୍ତିରେ ବ୍ଲକସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ବନମାଳୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣପତ ସହାଏ ପି.ଜି. କଲେଜ ଉତ୍ତରପ୍ରଦେଶର ଆସିଷ୍ଟାଣ୍ଟ ପ୍ରଫେସର ଡ. ସାହାନୱାଜ ଆଲାମ, ମୁଖ୍ୟବକ୍ତା ଆର୍ଟ କଲେଜର ଅଧକ୍ଷ ମନୋଜ କୁମାର ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟତମ ଅତିଥି ଭାବେ ସଙ୍ଗୀତ ବିଶାରଦ ନିଜାମ ମହମ୍ମଦ, ନୃତ୍ୟ ବିଶାରଦ ପ୍ରଶାନ୍ତ ପଟ୍ଟନାୟକ, ହାସ୍ୟାଭିନେତା ନିମାନନ୍ଦ ସାହୁ, ଅଧ୍ୟାପକ ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସାଂସ୍କୃତିକ କ୍ଷେତ୍ରରେ ଦକ୍ଷତା ହାସଲ କରିବା ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୂଆ-ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଆଶିଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ନୋଡାଲ ଅଫିସର ମହମ୍ମଦ ଇସ୍ରାଇଲ ଅତିଥି ପରିଚୟ ପ୍ରଦାନ, ଆଧ୍ୟାପିକା କଲ୍ୟାଣୀ ଦାଶ, ଡ. ବିଶ୍ୱଜିତା ବାରିକ ଓ ଡ. ସାଜିଆ ତମକୀନ ମଞ୍ଚ ପରିଚାଳନା କରିଥିଲେ।

ବ୍ଲକ ଅଧୀନ ଯୁକ୍ତ ୨ ଓ ୩ର ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ସଙ୍ଗୀତ, ନୃତ୍ୟ, ଷ୍ଟାଣ୍ଡ ଅପ୍ କମେଡ଼ି, ରଙ୍ଗୋଲି, ଚିତ୍ରକଳା, ଅଭିନୟ ମାଧ୍ୟମରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ଡ. ସମୀର ହୁଇ, ପ୍ରଦୀପ ରାୟ, ଅଜୟ ବେଜ, ସରୋଜ ପଣ୍ଡା, ସଞ୍ଜୟ ପଣ୍ଡା, ସନ୍ଦୀପ ଘୋଷ, ଡ. ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ, ଡ. ମନୋଜ କର, ସୁଶ୍ରୀ ସଂଗୀତା ନାୟକ, ଦିଲୀପ କୁମାର ମଲ୍ଲିକ, ଡ. ଦେବାଶିଷ ମଲ୍ଲିକ ପ୍ରମୁଖ ଆଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଗରପଡ଼ା ଯୁବ ମହୋତ୍ସବ

ଆଗରପଡ଼ା,୨୭।୧୨(ସୁଶାନ୍ତ ଦାଶ)




ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଭଦ୍ରକ ଜିଲା ବନ୍ତ ବ୍ଲକର ଆଗରପଡ଼ାରେ ଯୁବ ମହୋତ୍ସବ ଚାଲିଛି। ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଯୋଗଦେଇ ଡ. ହରେକୃଷ୍ଣ ମହତାବଙ୍କ ମାଟିରେ ଯୁବଶକ୍ତି ମହୋତ୍ସବ ମାଧ୍ୟମରେ ଆଗାମୀ ଦିନରେ ମାନବବାଦର ଚେତନାକୁ ପରିବୃଦ୍ଧି କରିବାର ସନ୍ଦେଶ ସୃଷ୍ଟି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଯୁବ ମହୋତ୍ସବ କମିଟି ସଭାପତି ଇଂ. ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପାହିମହୁରା ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ଚିନ୍ତାମଣି ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ସିମୁଳିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ହିମାଂଶୁ ବେହେରା, ଖଇରା ବ୍ଲକ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା, ଆଗରପଡ଼ା ସରସ୍ୱତୀ ଶିଶୁମନ୍ଦିର ସଭାପତି ଭାଗବତ ପ୍ରସାଦ ପଣ୍ଡା, କମିଟିର ଉପଦେଷ୍ଟା ପ୍ରଣୟ କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଙ୍ଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ବ୍ୟଙ୍ଗ କଳାକାର ସତ୍ୟ ଏବଂ ସତ୍ୟବ୍ରତଙ୍କ କମେଡ଼ି ସାଙ୍ଗକୁ କଳାକାର ଜଗା ପଣ୍ଡାଙ୍କ ସଂଳାପରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ। ଚିତ୍ତରଞ୍ଜନ ସାମନ୍ତରାୟ, ଚିତ୍ତରଞ୍ଜନ ଉଦ୍‌ଗାତା, ରାଜୀବ ଲୋଚନ ରାୟ, ନୀରୋଜ ଆଇଚ, ପ୍ରଫୁଲ୍ଲ ବିଶ୍ୱାଳ, ଗୟାଧର ପତି, ନୃସିଂହ ଖୁଣ୍ଟିଆ, ଅମୂଲ୍ୟରତ୍ନ ନନ୍ଦ, ବାବୁରାମ ବେହେରା, ସମ୍ରାଟ କିଶୋର ସିଂହ, ଶୁଭମ ସିଂହ, ହାପି ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ ୨ ହଜାରରୁ ଊର୍ଦ୍ଧ୍ୱ କଳାକାର

ଯୋଡ଼ା,୨୭।୧୨(ମାନସ ମହାନ୍ତି)



କୃଷ୍ଣଲୀଳା ଲୋକନୃତ୍ୟ ସଂଘର କର୍ମକର୍ତ୍ତା।

କେନ୍ଦୁଝର ଜିଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କୃଷ୍ଣଲୀଳା ଲୋକନୃତ୍ୟ ସଂଘ ଆନୁକୂଲ୍ୟରେ କୃଷ୍ଣଲୀଳା ରାସ ମହାମଞ୍ଚ ପାଇଁ ବୁଧବାର ବଡ଼ହୁଣ୍ଡୁଳା ରାସ ମଣ୍ଡପଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପ ସଭାପତି ସୁରେଶ ଚନ୍ଦ୍ର ମହାକୁଡ଼ଙ୍କ ଅଧକ୍ଷତାରେ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ବ୍ଲକ୍ ଅନ୍ତର୍ଗତ ବଡ଼ହୁଣ୍ଡୁଳା ଗ୍ରାମରେ ଜାନୁୟାରୀ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ୪୦ରୁ ଉର୍ଦ୍ଧ୍ୱ କୃଷ୍ଣଲୀଳା ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ଗୋଟିଏ ମଞ୍ଚରେ ୨୦୦୦ ରୁ ଉର୍ଦ୍ଧ୍ୱ ରାସ ସଙ୍କୀର୍ତ୍ତନ କଳାକାର ପାରମ୍ପରିକ ବାଦ୍ୟ, ନୃତ୍ୟ, ସଙ୍ଗୀତ ଏବଂ ତାଳ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ କହିଛନ୍ତି।

କୃଷ୍ଣଲୀଳା ଦଳ ଗୁଡ଼ିକ ସକାଳୁ ମଧ୍ୟାହ୍ନ

**୭ରୁ କୃଷ୍ଣଲୀଳା ରାସ ମହାମଞ୍ଚ**

ପର୍ଯ୍ୟନ୍ତ ପ୍ରତିଯୋଗିତା ମୂଳକଭାବେ ରାସ ସଂକୀର୍ତ୍ତନ ପରିବେଷଣ କରିବେ। ବିଚାରକଙ୍କ ଦ୍ୱାରା ପ୍ରତି ଦଳରୁ ୪ ଜଣ ଲେଖାଏ ପ୍ରତିଭା ଚୟନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କୃତୀ ପ୍ରତିଯୋଗୀମାନଙ୍କୁ ୯ ତାରିଖ ବାର୍ଷିକ ସମ୍ମିଳନୀ ଅବସରରେ ମାନପତ୍ର ପ୍ରଦାନ ପୂର୍ବକ ରାସରତ୍ନ ସମ୍ମାନରେ ସମ୍ମାନିତ କରାଯିବ। ଏହା ବ୍ୟତୀତ ଜିଲାର ସମସ୍ତ କୃଷ୍ଣଲୀଳା ଦଳର ମନୋନୀତ ବୟୋଜ୍ୟେଷ୍ଠ କଳାକାରଙ୍କୁ ସାରସ୍ୱତ ସଂକୀର୍ତ୍ତନ ସାଧକ ଭାବେ ସମ୍ବର୍ଦ୍ଧିତ କରାଯିବ। ବୈଠକରେ ସଂଘର ଉପଦେଷ୍ଟା ରାଉତରାୟ ଆପଟ୍ଟ, ଘସରନାଥ ବେହେରା, ବିଶାଳ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ଖିଲାର, କୋଷାଧ୍ୟକ୍ଷ ଭଜମନ ବାରିକ, ସହକାରୀ କୋଷାଧ୍ୟକ୍ଷ ଗଜେନ୍ଦ୍ର ଆପଟ୍ଟଙ୍କ ସହିତ କବିରାଜ ଗିରି, ହିରନ୍ୟ ବେହେରା, ନରେଶ ବାରିକ, ବିନୋଦ ମହାକୁଡ଼, ବିଷ୍ଣୁ ବେହେରା, ପଠାଣି ବେହେରା, ପ୍ରଫୁଲ୍ଲ ବେହେରା, ନଟବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଆନ୍ତରାମାନ୍ତରା ମୁଣ୍ଡା ସାହିରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ ଚୁମକି ହେମ୍ବ୍ରମ (୧୯)। ସେ ତାଙ୍କ ଆଈ ଓ ମାମୁଁଙ୍କ ପାଖରେ ରହୁଥିଲେ। ମଙ୍ଗଳବାର ରାତିରେ ନିଜ ଘରେ ବେକରେ ଓଢ଼ଣୀ ବାନ୍ଧି ଝୁଲି ପଡ଼ିଥିଲେ। ତାଙ୍କର ମାମୁଁଙ୍କ ଅଭିଯୋଗ ଆଧାରରେ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୪୭/୨୩) ରୁଜୁ କରିଛି।

## ସଂକ୍ଷେପରେ

### ଘରେ ଘରେ ପହଞ୍ଚିବ ଶ୍ରୀରାମଙ୍କ ଅକ୍ଷତ, ନିମନ୍ତ୍ରଣପତ୍ର

ସିମୁଳିଆ, ୨୭।୧୨(ସନ୍ତୋଷ ନାୟକ)- ଆସନ୍ତା ୨୨ରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବୁଧବାର ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆରଏସ୍ଏସ୍ ପକ୍ଷରୁ ଆଲୋଚନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ସଂଯୋଜକ ରଶ୍ମିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରତ୍ୟେକ ଖଣ୍ଡର ବିଭିନ୍ନ କାର୍ଯ୍ୟକର୍ତ୍ତା ୧ରୁ ୧୫ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ପ୍ରଚାର କରିବା ସହିତ ପ୍ରତ୍ୟେକ ଘରେ ଘରେ ପ୍ରଭୁଙ୍କ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ପହଞ୍ଚାଇବା ପାଇଁ ଆଲୋଚନା କରାଯାଇଥିଲା। ସଞ୍ଚାଳନା ସମିତିର ବ୍ଲକ ସଂଯୋଜକ ପ୍ରଦୀପ କୁମାର ବେହେରା, ସହସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା, ପରିଚାଳନା ସମିତି ସଦସ୍ୟ କାହ୍ନୁଚରଣ ସିଂ, ବିଜୟ କୁମାର ବାରିକ, ଅଶୋକ କୁମାର ସାହୁ, ବିଶ୍ୱହିନ୍ଦୁ ପରିଷଦ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଠ ମନ୍ଦିର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଠାକୁରମୁଣ୍ଡା, ୨୭।୧୨(ତାରାକାନ୍ତ ପଟ୍ଟନାୟକ)- ଯୁବ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ମା' ବାସୁଳି ସ୍ନାତକ ମହାବିଦ୍ୟାଳୟ ପରିସରରେ ଗତ ୧୪ ତାରିଖଠାରୁ ଅୟୋଜିତ ହୋଇଥିବା ଯୁବ ଓଡ଼ଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇ ଯାଇଛି। ମହାବିଦ୍ୟାଳୟ ଖେଳ ପଡ଼ିଆରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୫୪ ପ୍ରତିଯୋଗୀ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଏବିଏନ ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପଦ୍ମଲୋଚନ ନନ୍ଦ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ତହସିଲଦାର ସୁଶ୍ରୀ ସୁପ୍ରିୟା, ବିଡିଓ ମନୋଜ କାର୍ଜି, ନିମନ୍ତ୍ରିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି କାୟା ମୁର୍ମୁ, କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ଜୟନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ମାନସ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ଶତାୟୁ ବୃଦ୍ଧାଙ୍କ ପରଲୋକ

କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ବନାଯୋଡ଼ି ଗ୍ରାମର ଶତାୟୁ ନିତେଇ ଦେହୁରୀଙ୍କ ପତ୍ନୀ ସୋମ୍ବାରୀ ଦେହୁରୀ(୧୦୫)ଙ୍କ ପରଲୋକ ଘଟିଛି।



ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପର ଉପକାରୀ ଓ ଧର୍ମବିଶ୍ୱାସୀ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୪ ପୁଅ, ବୋହୂ ସମେତ ନାତୀ, ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମର ମାଛକାନ୍ଦଣା ନଦୀସ୍ଥିତ ଶ୍ମଶାନ ପୀଠରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୱାନ୍ ଷ୍ଟପ୍ ସେଣ୍ଟରରେ ଅନିୟମିତତା

■ହାଇକୋର୍ଟରେ ମାମଲା

■ଯାଞ୍ଚ କଲେ ଅଧିକାରୀ

ବାଲେଶ୍ୱର, ୨୭।୧୨ (ମାନସ ବିଶ୍ୱାଳ)




ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ୱାନ୍ ଷ୍ଟପ୍ ସେଣ୍ଟର।

ଦିଲ୍ଲୀରେ ନିର୍ଭୟା ମାମଲା ପରେ କେନ୍ଦ୍ର ସରକାର ମହିଳାଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଦେଶର ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ୱାନ୍ ଷ୍ଟପ୍ ସେଣ୍ଟର ଯୋଜନା ପ୍ରଣୟନ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ମହିଳାମାନେ ଏହି ୱାନ୍ ଷ୍ଟପ୍ ସେଣ୍ଟରରେ ରହି ଚିକିତ୍ସିତ ହେବା ସହିତ ଆଇନଗତ ଅଧିକାର ଏବଂ ମାନସିକ ସ୍ଥିତିକୁ ସ୍ୱାଭାବିକ କରାଯିବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ଏଭଳି ଏକ ସେଣ୍ଟର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗତ ୨୦୧୯ରୁ ମିନିଷ୍ଟ୍ରି ଅଫ୍ ୱମେନ୍ସ ଆଣ୍ଡ ଚାଇଲ୍ଡ୍ ଡେଭଲପ୍‌ମେଣ୍ଟ, ରାଜ୍ୟ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଡବ୍ଲ୍ୟୁସିଡ଼ି ଆଣ୍ଡ ଏମ୍ଏସ୍ ଏବଂ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ବସ୍ତି, ଏରିଆ, ଡେଭଲପ୍‌ମେଣ୍ଟ କମିଟି (ବିଏଡିସି ସ୍ୱେଚ୍ଛାସେବୀ ସଂଗଠନ) ଚଳାଇ ଆସୁଛି। ଏଥିପାଇଁ ଉକ୍ତ ସଂଗଠନକୁ ସରକାର ମାସିକ ଅଢ଼େଇ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେଇଆସୁଛନ୍ତି। ଉକ୍ତ ବିଏଡିସି ସ୍ୱେଚ୍ଛାସେବୀ ସଙ୍ଗଠନର କେତେକ କାଗଜପତ୍ର ନ ଥିବା ବେଳେ କିପରି ଭାବେ ଏହି ସଙ୍ଗଠନ ଉକ୍ତ ସଂସ୍ଥାକୁ ଚଳାଇବାର ମଞ୍ଜୁରୀ ମିଳିଛି ଏହାକୁ ଚ୍ୟାଲେଞ୍ଜ କରି କରୁଣାକର ସାହୁ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ହାଇକୋର୍ଟ ଡବ୍ଲ୍ୟୁ.ପି.(ସି) ନଂ-୩୩୮୯୯-୨୦୨୩ ରୁଜୁ କରି ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ଏବଂ ଜିଲାରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ସତ୍ୟତା ଯାଞ୍ଚ ପାଇଁ ନୋଟିସ୍ ଦେଇଥିଲେ। ଗତ ଡିସେମ୍ବର ୨୪ ତାରିଖରେ ରାଜ୍ୟ ମହିଳା ଶିଶୁ ବିକାଶ (ଡବ୍ଲ୍ୟୁସିଡ଼ି)ର ସ୍ୱତନ୍ତ୍ର ସଚିବ ରିନା ମହାପାତ୍ର ବାଲେଶ୍ୱର ଗସ୍ତରେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ୱାନ୍ ଷ୍ଟପ୍ ସେଣ୍ଟରକୁ ଯାଞ୍ଚ କରିଥିଲେ। ଜିଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଯାଞ୍ଚ ପରେ ସତ୍ୟାସତ୍ୟର ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

ଅଭିଯୋଗ ଅନୁଯାୟୀ, ୱାନ୍‌ଷ୍ଟପ୍ ସେଣ୍ଟର ଭଳି ସମ୍ବେଦନଶୀଳ ଅନୁଷ୍ଠାନକୁ ଚଳାଇବା ପାଇଁ ଆବଶ୍ୟକ ଥିବା ଅନୁଷ୍ଠାନର ଯୋଗ୍ୟତା ପତ୍ର ତଥା କାଗଜପତ୍ର ବିଏଡିସି ସ୍ୱେଚ୍ଛାସେବୀ ସଙ୍ଗଠନ ନିକଟରେ ନାହିଁ। ଆଇଟିପିଏ ସାର୍ଟିଫିକେଟ୍ ଉକ୍ତ ସଂସ୍ଥାରେ ନ ଥିବା ବେଳେ ଗତ ୨୦୧୪ ଏପ୍ରିଲ ୩୦ତାରିଖରେ ଉକ୍ତ ସଂସ୍ଥା ଚାଇଲ୍ଡଲାଇନ୍ ଇଣ୍ଡିଆ ଫାଉଣ୍ଡେଶନର ଏକ ପ୍ରକଳ୍ପକୁ ଠିକ୍ ସମୟରେ କରି ନ ଥିବାରୁ ନିଲମ୍ବିତ ହୋଇଥିଲେ। ଏପରିକି ଏହି ୱାନ୍ ଷ୍ଟପ୍ ସେଣ୍ଟର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ମହିଳା ସ୍ୱେଚ୍ଛାସେବୀ ସଂଗଠନକୁ ଦିଆଯାଇ ନାହିଁ। ଏଭଳି କେତେକ ଅଭିଯୋଗକୁ ନେଇ କରୁଣାକର ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସୁସ୍ଥ ଜୀବନ ପାଇଁ ଯୋଗ, ପ୍ରାଣାୟାମ ଅପରିହାର୍ଯ୍ୟ



ମୁନି ସମାଜ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

### ମୁନି ସମାଜର ଜିଲାସ୍ତରୀୟ ଅଧିବେଶନ

ରୂପସା, ୨୭।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ହଳଦୀପଦାସ୍ଥିତ ସଦ୍‌ଗୁରୁ ଶିବମୁନି ଯୋଗ ସେବାଶ୍ରମ ପରିସରରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଜିଲା ମୁନି ସମାଜ ସଭାପତି ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଓଡ଼ିଶା ପ୍ରାନ୍ତ ମୁନି ସମାଜର ପୂର୍ବତନ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଶଶଧର ମୁନି ଯୋଗଦେଇ ସୁସ୍ଥ ଓ ନିରୋଗ ଜୀବନଯାପନ ପାଇଁ ପ୍ରତ୍ୟହ ଯୋଗ, ପ୍ରାଣାୟାମ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପତଞ୍ଜଳି ଯୋଗସମିତି ପ୍ରଭାରୀ ଡ. କୁମାର ଗୋପାଳ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗୀ ବିକାଶ ସାହୁ, ଯୋଗ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀ, ଯୋଗାଚାର୍ଯ୍ୟ ଦୀପାଞ୍ଜଳି ଦାସ ସାମନ୍ତ, ଯୋଗାଚାର୍ଯ୍ୟ କଳାକୃଷ୍ଣ ମିଶ୍ର ଓ ବାଇଧର ମୁନି ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଜିଲା ସମ୍ପାଦକ ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଶ୍ରମ କମିଟି ସଭାପତି ଯୋଗୀ ଚିତ୍ତରଞ୍ଜନ ସନ୍ଧିବିଗ୍ରହ ଓ ସମ୍ପାଦକ ଯୋଗୀ ସୁଶୀଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନର ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରୀ ଜଗନ୍ନାଥ ସୁରକ୍ଷା ଅଭିଯାନର ସଦସ୍ୟମାନେ।

କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବାର ପ୍ରୟାସ କରୁଥିବା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବୁଧବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମ୍ମୁଖରେ ଏକ ଗଣ ବିକ୍ଷୋଭ କରାଯାଇଛି। ଅଭିଯୋଗ ଅନୁଯାୟ, ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ହିନ୍ଦୁମାନଙ୍କର ପରମ ଆରାଧ୍ୟ, ଶ୍ରୀମନ୍ଦିର ହେଉଛି ଆସ୍ଥା, ବିଶ୍ୱାସ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଶ୍ରୀଜଗନ୍ନାଥ ସଂସ୍କୃତି କୋଟି ଓଡ଼ିଆଙ୍କ ପରିଚୟ। କିଛି ନ୍ୟସ୍ତସାର୍ଥ ଓଡ଼ିଆ ଗୋଷ୍ଠୀଙ୍କ ହୀନଚକ୍ରାନ୍ତ କାରଣରୁ ଶ୍ରୀଜଗନ୍ନାଥ ସଂସ୍କୃତିର ମର୍ଯ୍ୟାଦାହାନୀ ହେଉଛି। ରାଜ୍ୟ ସରକାର ଏଭଳି ହିନ୍ଦୁ ବିରୋଧୀ ମାନସିକତାରୁ ନିବୃତ୍ତ ରୁହନ୍ତୁ ବୋଲି ଗଣ ବିକ୍ଷୋଭରେ ଦାବି କରାଯିବା ସଂଗେ ସଂଗେ ଏହି ଆନ୍ଦୋଳନକୁ ରାଜ୍ୟ ବ୍ୟାପୀ କରାଯିବ ବୋଲି ଶ୍ରୀମନ୍ଦିର ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ କେନ୍ଦୁଝର ଶାଖାର ଘନଶ୍ୟାମ ମହାନ୍ତ ଚେତାଇ ଦେଇଛନ୍ତି। କାର୍ଯ୍ୟକ୍ରମରେ ଦେବରାଜ ଆଚାର୍ଯ୍ୟ, ଯୋଗେନ୍ଦ୍ରନାଥ ସାହୁ, ତୁଷାରକାନ୍ତ ସାମନ୍ତ, ସୁବ୍ରତ ମହାନ୍ତି, ନିରଞ୍ଜନ ପଲେଇ, ଅଂଶୁମାନ ସବୁଜ ମହାନ୍ତ ବର୍ମା, କିରଣବାଳା ନାୟକ, ସସ୍ମିତା ପ୍ରଧାନ, ପ୍ରିୟବ୍ରତ ଜେନା, ଦୁର୍ଗା ବାରିକ, ସ୍ୱପ୍ନେଶ୍ୱର ସାହୁ, ସବୀର ଦାଶ ତଥା ଶତାଧିକ ହିନ୍ଦୁ ଧର୍ମ ସମର୍ଥକ ଉପସ୍ଥିତ ଥିଲେ।

## ପୁଅ ଏକାଦଶାହରେ ଆଖିବୁଜିଲେ ମା'

ଗୋପବନ୍ଧୁ ନଗର,୨୭।୧୨(ଶାନ୍ତନୁ କୁମାର ମଡୁଆଲ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମରେ ପୁଅ ଏକାଦଶାହ ଦିନ ମା'ଙ୍କ ମୃତ୍ୟୁ ଘଟିବା ନେଇ ଶୋକରଛାୟା ଖେଳିଯାଇଛି। କୁସୁମିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ଦାସଙ୍କର ମୃତ୍ୟୁ ପରେ ବୁଧବାର ଏକାଦଶାହ କ୍ରିୟାକର୍ମ ଚାଲିଥିଲା। ତେବେ କ୍ରିୟା କର୍ମ ଶେଷ ହେବାର କିଛି ସମୟ ପରେ ଅପରାହ୍ଣରେ ତାଙ୍କ ମା'ମଞ୍ଜୁଲତା ଦାସ ହଠାତ ଅସୁସ୍ଥ ହୋଇ ପଡ଼ିବା ସହ ଆଖି ବୁଜି ଦେଇଥିଲେ। ସନ୍ଧ୍ୟାରେ ବନ୍ଧୁବାନ୍ଧବଙ୍କ ଗହଣରେ ମଞ୍ଜୁଲତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ମାଣ୍ଡିଆ ଚାଷ,ଚାଷୀଙ୍କୁ ନେଇ କର୍ମଶାଳା

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଲ), ୨୭।୧୨

ମାଣ୍ଡିଆ ଚାଷ ଓ ଚାଷୀଙ୍କୁ ନେଇ ବୁଧବାର ଗୋପବନ୍ଧୁ ନଗର ବ୍ଲକ ପରିସର ବୈଠକ ଗୃହରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶକ୍ତିଶିଖା ପକ୍ଷରୁ ଆୟୋଜିତ କର୍ମଶାଳାରେ ଅତିଥି ଭାବେ ବିଡିଓ କରୁଣାକର ଧିନ୍ଦା, ସିଡିପିଓ ସୁଜାତା ମହାପାତ୍ର, କୃଷି ଅଧିକାରୀ ତ୍ରିଲୋଚନ ରାଉତ, ବ୍ଲକ ସଂଯୋଜକ ଦିଲ୍ଲୀପ କୁମାର ରାଉତ, ସହକାରୀ ବ୍ଲକ ସଂଯୋଜକ ପିୟୁଷ କୁମାର ସାଥୁଆ, ମୁଖ୍ୟ ନିର୍ବାହୀ ଅଧିକାରୀ ଆର ପିୟୁଷ ଯୋଗଦେଇ ମାଣ୍ଡିଆ ଚାଷର ପ୍ରଣାଳୀ ଓ ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ମିଶନ ଶକ୍ତି, ଅଙ୍ଗନୱାଡ଼ି, ମିଲେଟ ମିଶନର କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ। ବଣକାଟି ଗ୍ରାମର ଗଣେଶ୍ୱର ସୋରେନ ଓ ନହରା ଗ୍ରାମର ଗୌରମୋହନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମିର୍ଜାପୁର, ଓସଙ୍ଗ, ବର୍ତ୍ତନାରେ ଧାନମଣ୍ଡି ଉଦ୍‌ଘାଟିତ



ବିଧାୟକ ମିର୍ଜାପୁର ସେବା ସମବାୟ ସମିତିର ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

ଖଇରା, ୨୭।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିର୍ଜାପୁର ଓ ଓସଙ୍ଗରେ ବୁଧବାର ଓ ସୋମବାର ବର୍ତ୍ତନା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମିର୍ଜାପୁର ଓ ଓସଙ୍ଗ ସେବା ସମବାୟ ସମିତିରେ ଖୋଲାଯିବାକୁ ଥିବା ଧାନମଣ୍ଡିର ଶୁଭାରମ୍ଭ କରିଥିବା ବେଳେ ବର୍ତ୍ତନା ସେବା ସମବାୟ ସମିତି ସଭାପତି ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଉକ୍ତ ମଣ୍ଡିରେ ପୂଜାର୍ଚ୍ଚନା ପୂର୍ବକ ଶୁଭାରମ୍ଭ କରାଯାଇଥିଲା। ମିର୍ଜାପୁର କାର୍ଯ୍ୟକ୍ରମରେ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଦେବାଶିଷ ପାଢ଼ୀ, ସୁଦାମ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଓସଙ୍ଗ ଉତ୍ସବରେ ସଭାପତି ଜଗନ୍ନାଥ ଦାଶ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, ଉପସଭାପତି ଉଷାରାଣୀ ଦାଶ, ବରଦା ପଞ୍ଚାୟତ ସରପଞ୍ଚ ପରୀକ୍ଷିତ ମହାପାତ୍ର, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତନା ସେବା ସମବାୟ ସମିତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସଭାପତି ପ୍ରତିମାରାଣୀ ରାୟ, ସମ୍ପାଦକ ଅକ୍ଷୟ କୁମାର ରାଉତ, ସଭ୍ୟ ରଘୁନାଥ ପଣ୍ଡା, ସଭ୍ୟା ନୀଳିମା ପ୍ରିୟଦର୍ଶିନୀ ସ୍ୱାଇଁ, ସନାତନ ସାହୁ, ସୁଧାକର ଦାସ, ଗଜେନ୍ଦ୍ର ମହାନ୍ତି, ସଞ୍ଜିବ ବେହେରା, ଗୌରୀ ମହାପାତ୍ର, ରତିକାନ୍ତ ସାହୁ ଓ ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁକ୍ତ୨ ପରୀକ୍ଷା ଦେବେ ୬୫୭୦୦ ପରୀକ୍ଷାର୍ଥୀ

ବାରିପଦା, ୨୭।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଅଧୀନରେ ଥିବା ୪ଟି ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଲିଖିତ ପରୀକ୍ଷା ଫେବୃଆରୀ ୧୬ରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେବ। ଏନେଇ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ୬୫ହଜାର ୭ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ଚଳିତ ବର୍ଷ ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପରିଷଦ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଶ୍ନପତ୍ରଗୁଡ଼ିକ ୩୩ଟି ହବ୍‌ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଚ୍ଛିତ ରଖାଯିବାର ବ୍ୟବସ୍ଥା କରାଯାଇଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ପାଇଁ ବୁଧବାରଠାରୁ ଅନ୍‌ଲାଇନରୁ ଆଡ୍‌ମିଟ କାର୍ଡ ଉପଲବ୍ଧ ହୋଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗରେ ପରୀକ୍ଷା ଦେବାକୁ ଥିବା ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ନିମନ୍ତେ ଆଡ୍‌ମିଟ କାର୍ଡ ଉପଲବ୍ଧ ହୋଇଛି। ସାମ୍ସ ଇ-ସ୍ପେଶରୁ କଲେଜ କର୍ତ୍ତୃପକ୍ଷ ଆଡ୍‌ମିଟ କାର୍ଡ ଡାଉନଲୋଡ କରିବା ଆରମ୍ଭ କରିଛନ୍ତି। ଏଥିରେ କୌଣସି ତ୍ରୁଟି ଥିଲେ ପରିଷଦକୁ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାରିପଦାସ୍ଥିତ ଉତ୍ତର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାରେ ମୋଟ ୩୦୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ୬୫ହଜାର ୭ଶହ ପରୀକ୍ଷାର୍ଥୀ ୨୦୨ଟି କେନ୍ଦ୍ରରେ ପରୀକ୍ଷା ଦେବାର ସୁବନ୍ଦୋବସ୍ତ କରାଯାଇଛି ବୋଲି ଶିକ୍ଷା ପରିଷଦର ଉପ ସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ମୋବାଇଲ ବାରଣ କରାଯାଇଛି। ସୁପରିଟେଣ୍ଡେଣ୍ଟ କିମ୍ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ଉପରେ କଟକଣା କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି।

# ମତ୍ସ୍ୟଚାଷ ପାଇଁ ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର



ବାହାନଗା, ୨୭।୧୨(ଅରୂପ୍ କୁମାର ଦାସ)-ବାହାନଗା ବ୍ଲକ କଲ୍ୟାଣୀ ପଞ୍ଚାୟତ ଗିଳିଦା ଗ୍ରାମରେ ଥିବା ପାଢ଼ୀ ଫିସରୀ ଫାର୍ମରେ ମତ୍ସ୍ୟ ଚାଷ ପାଇଁ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ମତ୍ସ୍ୟ ଅଧିକାରୀ ଓ ବାହାନଗା ସହକାରୀ ମତ୍ସ୍ୟ ଅଧିକାରୀ ସହଯୋଗ କରୁଛନ୍ତି। ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଚାଷ ବାବଦରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଫିସରୀ ଅଧିକାରିଣୀ ମିରାମ୍ବିକା ସାହୁ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଅନିଶା ପ୍ରଧାନ, ସିନିୟର ଟେକ୍ନିକାଲ ଅଧିକାରୀ ରାଜେନ୍ଦ୍ର କୁମାର ମୁଖି, ସାମୁଦ୍ରିକ ସମ୍ପ୍ରସାରଣ ସହକାରୀ ମତ୍ସ୍ୟ ଅଧିକାରୀ ଶୁଭମ୍ ଚରଣ ବାଡିଆ ମାଛଚାଷ ଉପରେ ଆଲୋଚନା କରିଥିଲେ। ବ୍ଲକର କିଛି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ସମେତ କିଛି ମତ୍ସ୍ୟ ଚାଷୀମାନେ ଉପସ୍ଥିତ ଥିଲେ।

# ୩୦ରୁ ଭଦ୍ରକ ତ୍ୟାଗଭୂମି ମହୋତ୍ସବ

ଭଦ୍ରକ,୨୭।୧୨ (ସନାତନ ରାଉତ)

ଭଦ୍ରକ ଜିଲା ସାଂସ୍କୃତିକ ସମ୍ମେଳନ ତ୍ୟାଗଭୂମି ପକ୍ଷରୁ ତ୍ୟାଗଭୂମି ମହୋତ୍ସବ ଚଳିତ ମାସ ୩୦ ତାରିଖରୁ ଆରମ୍ଭ ହେବ। ସପ୍ତାହବ୍ୟାପୀ ଏହି ମହୋତ୍ସବ ଆସନ୍ତା ଜାନୁୟାରୀ ୫ରେ ସରିବ ବୋଲି ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କୁହାଯାଇଛି। ସମ୍ମେଳନର ଉପଦେଷ୍ଟା ସଦସ୍ୟ ଅଖିଳମୋହନ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆରୁ ଯୁବପିଢ଼ିଙ୍କୁ ନେଇ ମଶାଲ ଶୋଭାଯାତ୍ରା କରାଯାଇ ଭଦ୍ରକ ଭୂମିର ତ୍ୟାଗପୂତ ସ୍ମାରକୀକୁ ଉଜ୍ଜୀବିତ କରାଯିବ ବୋଲି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ପ୍ରତି ସନ୍ଧ୍ୟାରେ ସାମ୍ପ୍ରତିକ ସମାଜ ଓ ସମସ୍ୟା ଆଧାରିତ ଆଲୋଚନାଚକ୍ର ଓ ସାରସ୍ୱତ ସମାବେଶ ହେବ। ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରସନ୍ନ ପାଟଶାଣୀ, ପ୍ରଫେସର ଦାଶ ବେନହୁର, ଡ. ସଙ୍ଗୀତା ରଥ, ଅଧ୍ୟାପକ ନିରଞ୍ଜନ ପାଢ଼ୀ, କୀର୍ତ୍ତନ ନାରାୟଣ ଦାସ, ମାଧବ ଚନ୍ଦ୍ର ମିଶ୍ର, ଡ. ରାଜେନ୍ଦ୍ର ଭୂଏ ପ୍ରମୁଖ ବିଶିଷ୍ଟ ଆଲୋଚକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ଲଲାଟେନ୍ଦୁ ମହାନ୍ତି, ଶାନ୍ତନୁ ରାଉତ, ଗୋବର୍ଦ୍ଧନ ସାମଲ, କରୁଣାକର ଉପାଧ୍ୟାୟ, ବସନ୍ତ ମହାନ୍ତି, ବିଚିତ୍ରାନନ୍ଦ ମହାନ୍ତି, ହରିଶ ଦାସ, ବିପ୍ଳବ ହୋତା, ମୁକ୍ତିକାନ୍ତ ନାୟକ, ଖରଣା ପଟ୍ଟନାୟକ, ମନୋରଞ୍ଜନ ଦାସ, ଡ. ବିଶ୍ୱରଞ୍ଜନ ଦାସ, ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ, ଅଶୋକ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର କର୍ମକର୍ତ୍ତା।

# ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଆରମ୍ଭ

ଭଦ୍ରକ,୨୭।୧୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନଠାରେ ବୁଧବାର ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା (ତାଓ) ଆନୁକୂଲ୍ୟରେ ୨୦ତମ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଭାରତୀୟ ଟାଏକୋଣ୍ଡୋର ଜନକ ତଥା ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ, ଲକ୍ଷ୍ନୌର ସେକ୍ରେଟାରୀ ଜେନେରାଲ ଗ୍ରାଣ୍ଡମାଷ୍ଟର ଡ. ଜିମୀ ଆର୍ ଜାଗ୍‌ତିଆନୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ତାଓ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, କର୍ଣାଟକ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ଏମ୍. ସୁନ୍ଦରମ୍ ଆୟାର୍ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ବିଂଶତମ ସଂସ୍କରଣ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପିକା ପ୍ରତିଭା ତିୱାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ବିକ୍ରମ ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ତାଓ ଉପସଭାପତି ରମେଶ ପ୍ରଧାନ, ଯୁଗ୍ମ ସମ୍ପାଦକ ଅଧ୍ୟାପକ ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ, ଆଇନଜୀବୀ ପବନ କୁମାର ଶର୍ମା, ୟୁନାଇଟେଡ୍ କ୍ଲବ ସଭାପତି ବିଶାଲ ଗୋପାଲ ଲଖାନୀ, ସବୁଜ କ୍ଲବ ସମ୍ପାଦକ ଅଜୟ କୁମାର ଧଳ, ବିଶିଷ୍ଟ ଶିଳ୍ପପତି ରମେଶ କୁମାର ଜେନା, ଯଯାତି ବିଶ୍ୱାଳ, ବିଶିଷ୍ଟ ବ୍ୟବସାୟୀ ଗୌରାଙ୍ଗ ସାମଲ, ଇଞ୍ଜିନିୟର ଉତ୍ପଳକାନ୍ତି ଦାସ, କ୍ରୀଡ଼ା ଅଧ୍ୟାପିକା ସସ୍ମିତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଦିନ ବ୍ୟାପୀ ଆୟୋଜିତ ଏହି ସଂସ୍କରଣରେ ୧୪ଟି ଜିଲାରୁ ପ୍ରତିଯୋଗୀ, କୋଚ୍ ଓ ମ୍ୟାନେଜରଙ୍କ ସମେତ ପ୍ରାୟ ୪ଶହ ପ୍ରତିନିଧି ଯୋଗ ଦେଇଛନ୍ତି। 'ଖେରୋଗୀ' ଓ 'ପୁମସେ' ବିଭାଗର ମୋଟ ୧୦୦ଟି ସ୍ୱର୍ଣ୍ଣ ପାଇଁ ୩ ପର୍ଯ୍ୟାୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଦ୍ୟାଶା ଦାସ, ତାରିଣୀ ସାହୁ, ମଲ୍ଲିକା ସାମନ୍ତ, ବିଷ୍ଣୁପ୍ରିୟା ରାଉତ, ଶ୍ରାବଣୀ ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଉଛି।

# ଶିକ୍ଷକ ଅଭାବରୁ ପାଠପଢ଼ାରେ ବ୍ୟାଘାତ

### ପଳାଶପାଳ ସରକାରୀ ବାଳିକା ହାଇସ୍କୁଲ

କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ରେବଣା ପଳାଶପାଳଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଚାଲିଥିବା ସରକାରୀ ବାଳିକା ହାଇସ୍କୁଲରେ ଶିକ୍ଷକ ଅଭାବ ଦେଖାଦେଇଛି। ଏ ନେଇ ପାଠପଢ଼ା ସହ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଗତ ଶୁକ୍ରବାର ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କ ବଦଳୀଙ୍କୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ବଣଜଙ୍ଗଲ ଘେରା ଅଞ୍ଚଳରେ ଥିବା ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୭୧ ଛାତ୍ରୀ ପଢୁଥିବା ବେଳେ ସେଥିରୁ ଦୁଇଟି ହଷ୍ଟେଲରେ ୩୪୭ ଜଣ ଛାତ୍ରୀ ରହୁଛନ୍ତି। ପାଠପଢ଼ା ପାଇଁ ୯ ଜଣ ଶିକ୍ଷକ ସ୍ଥାନରେ ୫ ଜଣ ରହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ଘଟଣାକୁ ୬ ମାସ ପୂରିଥିବା ବେଳେ ତାଙ୍କ ସ୍ଥାନରେ ପ୍ରଧାନଶିକ୍ଷକ ନିଯୁକ୍ତି କରାଯାଇ ନ ଥିବାରୁ ପୁଣି ଜଣେ ପୁରୁଷ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ବାଳିକା ବିଦ୍ୟାଳୟରେ ଏକ ଘଟଣା ପରେ ମଧ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉ ନ ଥିବାରୁ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷେ ଜଣେ ଶିକ୍ଷୟିତ୍ରୀ ଚାକିରି ଛାଡ଼ି ଗଣଶିକ୍ଷା ବିଭାଗକୁ ଚାଲିଯାଉଥିବା ଜଣାପଡ଼ିଛି। ଏ ନେଇ ପ୍ରଧାନଶିକ୍ଷକ ବଳଭଦ୍ର ନାୟକ କହିଛନ୍ତି, ଜୁନ୍ ମାସରୁ ପ୍ରଧାନଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଆସନ୍ତାକାଲି ଜଣେ ଶିକ୍ଷକ ସ୍କୁଲ ଛାଡ଼ି ଚାଲିଯିବେ। ଏଣୁ ସମସ୍ୟା ଥିଲେ ହେଁ ପିଲାମାନଙ୍କ ସୁବିଧାକୁ ପ୍ରାଧାନ୍ୟ ଦେଇ ବିଦ୍ୟାଳୟ ଚଳାଇବାକୁ ପଦକ୍ଷେପ ନେଉଥିବା କହିଛନ୍ତି।

